# ଓଡ଼ିଶାରେ ପହଞ୍ଚିଲା ଟିକା

**ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ ପହଞ୍ଚିଲା କରୋନା ସଞ୍ଜୀବନୀ। ପ୍ରଥମ ଲଟ୍‌ରେ ୪ ଲକ୍ଷ ୮ ହଜାର ଡୋଜ୍‌ର 'କୋଭିସିଲ୍ଡ' ଓ ୨୦ ହଜାର ଡୋଜ୍‌ର 'କୋଭାକ୍ସିନ୍' ଟିକା ଆସିଛି। ରାଜ୍ୟରେ କରୋନା ସଞ୍ଜୀବନୀ ବା ଟିକା ପହଞ୍ଚିବା କଡ଼ା ସୁରକ୍ଷା ମଧ୍ୟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଟିକା ପହଞ୍ଚିବା ପରେ ଟିକା ବାକ୍ସଗୁଡ଼ିକୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ରାମ ମନ୍ଦିର ଛକରେ ଥିବା ରାଜ୍ୟ ଔଷଧ ନିଗମ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରୁ କଡ଼ା ସୁରକ୍ଷା ମଧ୍ୟରେ ୩ଟି ଜାତୀୟ ଟିକା ଯାନରେ ପ୍ରାୟ ୧୨୦୦ କିଲୋ

- କଟକ, ପୁରୀ ଓ ନୟାଗଡ଼କୁ ପଠାଗଲା
- ପ୍ରଥମ ଲଟ୍‌ରେ ମିଳିଛି ୪.୨୮ ଲକ୍ଷ ଡୋଜ୍
- କଡ଼ା ସୁରକ୍ଷା ଭିତରେ ଟିକାବାକ୍ସ ସ୍ଥାନାନ୍ତରଣ
- ପ୍ରଥମେ ୧.୯ ଲକ୍ଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା

ପରେ ଜନସାଧାରଣ ଭିତରେ ଉତ୍କଣ୍ଠା ବଢ଼ି ଯାଇଛି। ଚାତକ ଭଳି ଚାହିଁ ରହିଥିବା ରାଜ୍ୟବାସୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଗତ ୧୦ ମାସ ଧରି କରୋନା ଆତଙ୍କ ଓ ଯନ୍ତ୍ରଣାରୁ ମୁକ୍ତି ପାଇବାର ନୂଆ ଆଶା ସଞ୍ଚାର ହୋଇଛି। ଦୀର୍ଘଦିନ ପ୍ରତୀକ୍ଷାର ଆଜି ଅନ୍ତ ଘଟିଛି। ଓଜନର ୩୪ଟି ପ୍ୟାକେଟ୍‌ରେ ଭର୍ତ୍ତି ହୋଇ ଆସିଥିବା ଟିକାକୁ ରାଜ୍ୟ ଟିକାକରଣ କେନ୍ଦ୍ରରେ ରଖାଯାଇଛି। ଆସନ୍ତାକାଲି ରାଜ୍ୟର ୩୦ଟି ଜିଲ୍ଲାକୁ ନିର୍ଦ୍ଧାରିତ ପରିମାଣର ଟିକା ପ୍ରେରଣ କରାଯିବ। ହେଲେ ଆଜି କଟକ, ପୁରୀ ଓ ନୟାଗଡ଼ ଜିଲ୍ଲାକୁ ଭ୍ୟାନ୍‌ରେ




ଟିକାବାକ୍ସଗୁଡ଼ିକ ପଠେଇ ଦିଆଯାଇଛି।

ଓଡ଼ିଶାରେ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିସିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭାକ୍ସିନ୍ ଟିକା ବ୍ୟବହାର କରାଯିବ। ବର୍ତ୍ତମାନ ଓଡ଼ିଶାରେ ଏହି ଦୁଇଟି ଟିକା ଆସି ପହଞ୍ଚିଛି। 'କୋଭିସିଲ୍ଡ'ର ଗୋଟିଏ ଭାୟାଲ୍‌ରେ ୧୦ ଡୋଜ୍ ରହିଥିବା ବେଳେ କୋଭାକ୍ସିନ୍‌ର ଗୋଟିଏ ଭାୟାଲ୍‌ରେ ୨୦ ଡୋଜ୍ ରହିଛି। ଅର୍ଥାତ କୋଭିସିଲ୍ଡର ଗୋଟିଏ ଭାୟାଲ୍‌ରେ ୧୦ ଜଣ ଟିକା

▶▶ ୭

## ୧୪ ସୁଦ୍ଧା ସବୁ ରାଜ୍ୟକୁ ମିଳିବ

**ନୂଆଦିଲ୍ଲୀ:** ଆସନ୍ତା ୧୬ରେ ଦେଶରେ ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଆରମ୍ଭ ହେବାକୁ ଯାଉଥିଲା ବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଆସନ୍ତା ୧୪ ତାରିଖ ସୁଦ୍ଧା ସବୁ ରାଜ୍ୟରେ କୋଭିଡ୍ ଟିକା ପହଞ୍ଚିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ୧.୧୦ କୋଟି କୋଭିସିଲ୍ଡ ଡୋଜ୍ ଅଣାଯାଉଥିଲା ବେଳେ ଭାରତ ବାୟୋଟେକ୍ ଠାରୁ ୫୫ ଲକ୍ଷ କୋଭାକ୍ସିନ ଡୋଜ୍ ଅଣାଯାଉଛି। ଏସବୁକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ୧୪ ତାରିଖ ସୁଦ୍ଧା ପଠାଇ ଦିଆଯିବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏକ

▶▶ ୭